# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 02nd April – 2026

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆଗାମୀ ୬୦ ଦିନ ପର୍ଯ୍ୟନ୍ତ ଅଶୋଧିତ ତୈଳ ଯୋଗାଣ ସ୍ୱାଭାବିକ ରହିବା ନେଇ କେନ୍ଦ୍ର ସରକାରଙ୍କ ସୂଚନା ।

- ୨୦୨୭ ମସିହା ସୁଦ୍ଧା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିଜସ୍ୱ ଗୃହରେ ଚଳାଇବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର ।

- ରାଜ୍ୟର ସମସ୍ତ ସହରାଞ୍ଚଳକୁ ପି.ଏନ୍.ଜି. ସଂଯୋଗ ଯୋଗାଇ ଦିଆଯିବ; କହିଲେ ଯୋଗାଣ ମନ୍ତ୍ରୀ ।

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷାହେବା ନେଇ ୫ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା ।

***Desk***

# ଗ୍ୟାସ୍ ସିଲିଣ୍ଡର

ବିଶ୍ୱରେ ଅସ୍ଥିରତା ସତ୍ତ୍ୱେ ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ କୌଣସି ବୃଦ୍ଧି ଘଟି ନାହିଁ । ଦେଶରେ ଏଲ୍.ପି.ଜି. ଯୋଗାଣ ସ୍ଥିର ରହିଛି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି । ନୂଆଦିଲ୍ଲୀରେ ପଶ୍ଚିମ ଏସିଆ ସ୍ଥିତିକୁ ନେଇ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ବିବୃତ୍ତି ରଖି ଶ୍ରୀମତୀ ଶର୍ମା କହିଛନ୍ତି, ଆଗାମୀ ୬୦ ଦିନ ପର୍ଯ୍ୟନ୍ତ ଦେଶରେ ଅଶୋଧିତ ତୈଳ ଯୋଗାଣ ସ୍ୱାଭାବିକ ରହିବ । ପେଟ୍ରୋଲ ଏବଂ ଡିଜେଲ ଉପରେ ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିବା ଦ୍ୱାରା ଖୁଚୁରା ବିକ୍ରୟ କ୍ଷେତ୍ରରେ ମୂଲ୍ୟସ୍ଥିର ରହିଛି ଏବଂ ବଜାର କ୍ଷେତ୍ରରେ ତୈଳ କମ୍ପାନୀଗୁଡ଼ିକର କ୍ଷତିକୁ ମଧ୍ୟ ଭରଣା କରାଯାଇପାରୁଛି। ସମସ୍ତ ବିତରକଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ଏଲ୍.ପି.ଜି. ମହଜୁଦ ରହିଛି ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

***BBSR/R***

# ଅଙ୍ଗନୱାଡ଼ି କେନ୍ଦ୍ର

୨୦୨୭ ମସିହା ସୁଦ୍ଧା ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିଜସ୍ୱ ଗୃହରେ ଚାଲିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆଜି ୩୦ଟି ଜିଲ୍ଲାରେ ନିର୍ମିତ ୧ ହଜାର ୮୮୯ଟି ନୂତନ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଶ୍ରୀମତୀ ପରିଡ଼ା କହିଛନ୍ତି, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନୱାଡ଼ିରେ ପରିଣତ କରାଯିବ । ଅତିରିକ୍ତ ବଜେଟ୍‌ରେ ୧୦ ହଜାର ଅଙ୍ଗନୱାଡ଼ି ଗୃହ ନିର୍ମାଣପାଇଁ ବ୍ୟବସ୍ଥା ହୋଇଥିଲା । ଖୁବ୍‌ଶୀଘ୍ର ୪ ହଜାର ୨୮୪ରୁ ଊର୍ଦ୍ଧ୍ୱ ଗୃହକୁ ସମ୍ପୂର୍ଣ୍ଣ ରୂପରେଖ ଦିଆଯିବ । ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନୱାଡ଼ି ଗଠନ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (Pravati Parida)*** :……

କନ୍ୟାସନ୍ତାନଙ୍କ ସୁରକ୍ଷିତ ଭବିଷ୍ୟତପାଇଁ ଖୁବ୍‌ଶୀଘ୍ର 'କନ୍ୟା ସୁମଙ୍ଗଳ ଯୋଜନା'ର ମାର୍ଗଦର୍ଶିକା ଆସିବ । କନ୍ୟାଟିଏ ଜନ୍ମ ହେବାର ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ପିତାମାତାଙ୍କ ବ୍ୟାଙ୍କ୍ ଜମାଖାତାକୁ ଏହି ଯୋଜନା ଅଧୀନରେ ସହାୟତା ରାଶି ପ୍ରଦାନ କରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***IPR***

## ସହରାଞ୍ଚଳ ଅଭିବୃଦ୍ଧି

ରାଜ୍ୟର ସହରାଞ୍ଚଳର ଅଭିବୃଦ୍ଧିପାଇଁ ସରକାରଙ୍କ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଖର୍ଚ୍ଚ

ପରିମାଣ ବୃଦ୍ଧି ପାଇଛି । ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ବିକାଶରେ ବିଭାଗର ୮ ହଜାର ୫୭୫ କୋଟି ୬୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବିଭାଗ ଆର୍ଥିକ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନ କରି ସାମଗ୍ରିକ ଉପଯୋଗ ହାର ୮୬ ଦଶମିକ ୫ ପ୍ରତିଶତ ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୭୩ ଦଶମିକ ୪/୭ ପ୍ରତିଶତ ରହିଥିଲା । କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବିଭାଗ ଦୃଢ଼ ପୁନରୁଦ୍ଧାର ପ୍ରଦର୍ଶନ କରିଛି, ଯେଉଁଥିରେ ଖର୍ଚ୍ଚ ପୂର୍ବବର୍ଷ ତୁଳନାରେ ୧ ହଜାର ୧୪୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

***IPR***

## ଭୁବନେଶ୍ୱର - ପ୍ରତିଷ୍ଠା ଦିବସ

ରାଜଧାନୀ ଭୁବନେଶ୍ୱରର ୭୮ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ପାଳନ କରାଯିବ । ୧୩ ତାରିଖ ସକାଳେ ପି.ଏମ୍.ଜି. ଛକଠାରେ ପତାକା ଉତ୍ତୋଳନ କରାଯିବା ସହ ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ପର୍ଯ୍ୟନ୍ତ ବେସାମରିକ ପରେଡ୍ ଅନୁଷ୍ଠିତ ହେବ । ୧୪ ତାରିଖରେ ଉତ୍କଳ ମଣ୍ଡପଠାରେ ଓଡ଼ିଆ ପକ୍ଷ ସହ ସମନ୍ୱିତ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି ।

*Kendrapara, Nabarangpur, Bhadrak, Dhenkanal/R*

# ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଦିନରେ ବୁଣାକାର ଓ ରାଜ୍ୟର ସମୃଦ୍ଧ ହସ୍ତଶିଳ୍ପ ପରମ୍ପରାକୁ ସୁଦୃଢ଼ କରିବାପାଇଁ ଆଜି ଓ ଆସନ୍ତାକାଲି "ଆମ ପୋଷାକ : ଆମ ପରିଚୟ" ପାଳନ କରାଯାଉଛି ।

ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି ନିଜ ସଂସ୍କୃତି ଓ ଐତିହ୍ୟକୁ ବଜାୟ ରଖିବାପାଇଁ ଗୁରୁତ୍ୱାରୋପ କରିଛନ୍ତି ।

ନବରଙ୍ଗପୁର ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ତଥା ସ୍ଥାନୀୟ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଓଡ଼ିଆ ଅସ୍ମିତାର ପରିଚୟ ଦେଇଥିଲେ ।

ଭଦ୍ରକ ଓ ଢେଙ୍କାନାଳ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ଆଜି ପାରମ୍ପରିକ ପୋଷାକ ପରିଧାନ କରି ଓଡ଼ିଆ ପକ୍ଷ ପାଳନ କରିଛନ୍ତି ।

***Desk***

# ପି.ଏନ୍.ଜି. ସଂଯୋଗ

ରାଜ୍ୟର ସମସ୍ତ ସହରାଞ୍ଚଳକୁ ପି.ଏନ୍.ଜି. ସଂଯୋଗ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ତୈଳ ଓ ଗ୍ୟାସ ଯୋଗାଣ ନେଇ ଅନୁଷ୍ଠିତ ବୈଠକରେ ଯୋଗଦେଇ ଶ୍ରୀ ପାତ୍ର କହିଛନ୍ତି, ଗ୍ରାମାଞ୍ଚଳପାଇଁ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ ପୂର୍ବପରି ଜାରି ରହିବ । ଗ୍ୟାସ୍ କଳାବଜାରୀ ରୋକିବାକୁ ଇ-କେ.ୱାଇ.ସି. ବ୍ୟବସ୍ଥା ଲାଗୁ କରାଯିବ ।

***Voice (K.C. Patra)*** :.......

ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଭିନ୍ନ ତୈଳ କମ୍ପାନୀର ମୁଖ୍ୟ ଓ ଯୋଗାଣ ବିଭାଗର ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

***Malkangiri/R***

# ପୋଷଣ ଅଭିଯାନ

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍.ଭି.-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ପୋଷଣ-୧୫ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଯୋଗଦେଇ

ପୋଷଣର ଗୁରୁତ୍ୱ, କୁପୋଷଣ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଏବଂ ସୁଷମ ଖାଦ୍ୟ ଗ୍ରହଣ କରିବାର ଉପକାରିତା ଉପରେ ଆଲୋଚନା କରିଥିଲେ ।

***Boudh/R***

## ଅଙ୍ଗନୱାଡ଼ି ପରିଦର୍ଶନ

ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ମୋନାଲିସା ଦେବତା ଦିନିକିଆ ବୌଦ୍ଧ ଗସ୍ତ କରି ୧୦ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ କରି ତୁରନ୍ତ ସ୍ୱତନ୍ତ୍ର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

***Nayagarh/R***

## ଜନଗଣନା ପ୍ରଶିକ୍ଷଣ ଶିବିର

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ତିନିଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ୨୨୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅତିରିକ୍ତ ତହସିଲ୍‌ଦାର ପ୍ରଶିକ୍ଷଣ ଦେଇଥିଲେ । ଆସନ୍ତା ୧୬ ତାରିଖଠାରୁ ଏହି ଜନଗଣନାକାରୀମାନେ ଘରକୁ ଘର ବୁଲି ଗଣନା କାର୍ଯ୍ୟ କରିବେ ।

*Ganjam/R*

# ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ଆରାଧ୍ୟଦେବୀ ମା’ ରାମାୟାଣାମ୍ମା ଠାକୁରାଣୀ ଯାତ୍ରାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ଯାତ୍ରା ଆସନ୍ତା ମାସ ୪ ତାରିଖରୁ ଜୁନ୍ ମାସ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ବ୍ରହ୍ମପୁରସ୍ଥିତ କନକଦୁର୍ଗା ଠାକୁରାଣୀଙ୍କ ଚତୁର୍ଦ୍ଦଶ ଯାତ୍ରା ଆସନ୍ତା ସୋମବାରଠାରୁ ମେ ମାସ ୧୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ।

*Desk*

# ଅଟିଜିମ୍ ଦିବସ

ଶିଶୁମାନଙ୍କ କ୍ଷେତ୍ରରେ ଅଟିଜିମ୍ ବା ଜଟିଳ ସ୍ନାୟୁଗତ ବିକାଶଜନିତ ବ୍ୟାଧି କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଅଟିଜିମ୍ ଦିବସ । ଏହି ରୋଗର ଶିକାର ହୋଇଥିବା ଶିଶୁ ଏବଂ ବୟସ୍କ ଲୋକମାନଙ୍କ କ୍ଷେତ୍ରରେ ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣରେ ବିଚ୍ୟୁତି ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ ପରିମାଣରେ ହ୍ରାସ ଘଟିଥାଏ । ଅଟିଜିମ୍ ଏକ ସ୍ନାୟୁଗତ ସମସ୍ୟା ହୋଇଥିବାରୁ ଶୈଶବ

ଅବସ୍ଥାରେ ଜଣେ ଶିଶୁର ମସ୍ତିଷ୍କ ସଠିକ୍ ଭାବରେ ବିକଶିତ ହୋଇ ନ ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପ୍ରତି ୩୬ରୁ ୧୦୦ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ରୋଗର ଶିକାର ହୋଇଥା'ନ୍ତି। ଅଟିଜିମ୍ ରୋଗର ଚିକିତ୍ସା କରାଇପାରିଲେ ଶିଶୁର ବ୍ୟବହାରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଅଟିଜିମ୍ ଏବଂ ମାନବିକତା : ପ୍ରତ୍ୟେକଟି ଜୀବନର ମୂଲ୍ୟ" ।

***Ganjam/R***

# ତାରାତାରିଣୀ ଯାତ୍ରା

ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ପୀଠରେ ଚୈତ୍ର ପର୍ବ ଆଜି ଉଦ୍‌ଯାପିତ ହୋଇଯାଇଛି । ଚୈତ୍ରମାସର ଶେଷଦିନରେ ମା'ଙ୍କ ନିକଟରେ ଅଧରପଣା ଲାଗି ହୋଇଛି । ପରେ ପଣାହାଣ୍ଡିକୁ ବାହାରକୁ ନେଇ ଭାଙ୍ଗି ଦିଆଯାଇଛି । ଦୋଳପୂର୍ଣ୍ଣିମାଠାରୁ ମା'ଙ୍କର ଏହି ଯାତ୍ରାପାଇଁ ଦେବଦେବୀମାନେ ରତ୍ନଗିରି ପାହାଡ଼ରେ ଏକମାସ ଧରି ରହିଥା'ନ୍ତି । ପୂର୍ଣ୍ଣିମାରେ ସେମାନଙ୍କୁ ଅଧରପଣା ଦିଆଯାଇ ସନ୍ତୁଷ୍ଟ କରାଯାଇଥାଏ । ପରେ ଦେବଦେବୀମାନେ ନିଜ ନିଜ ସ୍ଥାନକୁ ଫେରିଯାଇଥା'ନ୍ତି ଲୋକବିଶ୍ୱାସ ରହିଛି ।

*Desk*

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କେନ୍ଦୁଝର, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ରାଜ୍ୟରେ ୬ ତାରିଖ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହିବ ବୋଲି ଜଣାପଡ଼ିଛି ।

******